**ଶିକ୍ଷା ଅଧିକାର**

**ସର୍ବଶିକ୍ଷା ଅଭିଯାନ**

**ସଭିଏଁ ପଢ଼ନ୍ତୁ : ସଭିଏଁ ବଢ଼ନ୍ତୁ**

ବିଜ୍ଞାପନ ସଂଖ୍ୟା. ୭୫୮୮ ତା. ୦୮-୧୨-୨୦୧୧

# ଶିକ୍ଷା ସହାୟକ/ସହାୟିକା ନିଯୁକ୍ତି ବିଜ୍ଞାପନ

କେନ୍ଦୁଝର ରାଜସ୍ୱ ଜିଲ୍ଲାର ଶିକ୍ଷା ଜିଲ୍ଲା ଗୁଡିକର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଆବଶ୍ୟକ ଶିକ୍ଷା ସହାୟକ ନିଯୁକ୍ତି ପାଇଁ କେନ୍ଦୁଝର ଜିଲ୍ଲା ପରିଷଦ ତରଫରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ଯେ କୌଣସି ଗୋଟିଏ ଶିକ୍ଷା ଜିଲ୍ଲା ପାଇଁ ଆବେଦନ କରିପାରିବେ । ଏଥି ପାଇଁ ଆବେଦନ ପତ୍ର ସହିତ ପ୍ରାର୍ଥୀ/ପ୍ରାର୍ଥୀନୀ କେବଳ ଗୋଟିଏ ଶିକ୍ଷା ଜିଲ୍ଲା ପାଇଁ ଆବେଦନ କରିଛନ୍ତି ବୋଲି ଏକ ସତ୍ୟପାଠ (Affidavit ) ସଂଲଗ୍ନ କରିବେ । ଯାଞ୍ଚ ସମୟରେ ଯଦି ପ୍ରାର୍ଥୀ/ପ୍ରାର୍ଥୀନୀମାନେ ଆବେଦନ କରିଥିବା ଶିକ୍ଷା ଜିଲ୍ଲା ବ୍ୟତୀତ ଅନ୍ୟ ଶିକ୍ଷା ଜିଲ୍ଲାରେ ଆବେଦନ କରିଥିବା ପ୍ରମାଣିତ ହୁଏ ତେବେ ପ୍ରାର୍ଥୀଙ୍କର ଆବେଦନ ପତ୍ର ବିଚାରକୁ ନିଆନଯାଇ ନାକଚ କରି ଦିଆଯିବ । ସାର୍ଟିଫିକେଟ ଜାଲ ବୋଲି ପ୍ରମାଣିତ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ନିଯୁକ୍ତି ରଦ୍ଦ କରାଯିବ । ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ସାଧା କାଗଜରେ ନିମ୍ନ ପ୍ରଦତ୍ତ ଦରଖାସ୍ତ ଫର୍ମ ଅନୁସାରେ ଆବେଦନ ପତ୍ର ଜିଲ୍ଲା ପରିଷଦର କାର୍ଯ୍ୟାଳୟରେ ଆସନ୍ତା ତା ୧୦/୦୧/୨୦୧୨ ରିଖ ସୁଦ୍ଧା ରେଜିଷ୍ଟ୍ରୀ ଡାକରେ କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରିବା ଆବଶ୍ୟକ । ତ୍ରୁଟିପୂର୍ଣ୍ଣ ବା ବିଳମ୍ବରେ ପ୍ରାପ୍ତ ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । ଆବେଦନ ପତ୍ର ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ଜିଲ୍ଲାପାଳଙ୍କୁ ସଂବୋଧିତ କରିବା ଆବଶ୍ୟକ ।

୨) ଏହି ଶିକ୍ଷା ସହାୟକ ନିଯୁକ୍ତି ପାଇଁ ଶିକ୍ଷା ଜିଲ୍ଲାୱାରୀ ବିଭିନ୍ନ ଶ୍ରେଣୀର (**CATEGORY**) ପଦବୀ ସଂଖ୍ୟା ନିମ୍ନପ୍ରକାରର ଅଟେ ।

| ଶିକ୍ଷା ଜିଲ୍ଲାର ନାମ | ପଦବୀର ପ୍ରକାର | ମୋଟ ଶାରିରୀକ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ପଦବୀ | | | ପଦବୀର ପ୍ରକାର | ମୋଟ ଶାରିରୀକ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ପଦବୀ | | |
|---|---|---|---|---|---|---|---|---|
| | ବି.ଏସି /ବି.ଏ ବି.ଇଡି | VI | HI | OH | ପ୍ଲସ୍ ଦୁଇ ବିଜ୍ଞାନ କଳା ବାଣିଜ୍ୟ ସି.ଟି | VI | HI | OH |
| କେନ୍ଦୁଝର | ୬୦ | ୦୧ | ୦୧ | ୦ | ୮୮ | ୦୧ | ୦୧ | ୦୧ |
| ଚମ୍ପୁଆ | ୫୫ | ୦୧ | ୦୧ | ୦ | ୮୩ | ୦୧ | ୦୧ | ୦୧ |
| ଘଟଗାଁ | ୫୦ | ୦୧ | ୦୧ | ୦ | ୮୦ | ୦୧ | ୦୧ | ୦୧ |
| ଆନନ୍ଦପୁର | ୫୩ | ୦୧ | ୦୧ | ୦ | ୭୦ | ୦୧ | ୦୧ | ୦୧ |
| ହାଟଡିହି | ୫୭ | ୦୧ | ୦୧ | ୦ | ୮୯ | ୦୧ | ୦୧ | ୦୧ |
| ମୋଟ ପଦବୀ ସଂଖ୍ୟା | ୨୭୫ | ୦୫ | ୦୫ | ୦ | ୪୧୦ | ୦୫ | ୦୫ | ୦୫ |

+ 2 ଯୋଗ୍ୟତା ସହ ଉର୍ଦ୍ଦୁ/ତେଲୁଗୁ/ବେଙ୍ଗଲି ତାଲିମ ପ୍ରାପ୍ତ ସିଟି ପ୍ରାର୍ଥୀ/ପ୍ରାର୍ଥୀନୀମାନେ ରାଜସ୍ୱ ଜିଲ୍ଲା ପାଇଁ ଆବେଦନ ପତ୍ର ଦାଖଲ କରିବେ । ସେମାନଙ୍କୁ ଜିଲ୍ଲାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କର ଆବଶ୍ୟକତା ଅନୁଯାୟୀ ନିଯୁକ୍ତି କରାଯିବ । ଏହି ପଦବୀ ଗୁଡିକର ସଂଖ୍ୟା ଏବଂ ବିଭିନ୍ନ ବର୍ଗ ପାଇଁ ସଂରକ୍ଷଣ ଥିବା ପଦବୀ ସଂଖ୍ୟା ନିମ୍ନ ପ୍ରକାର ଅଟେ ।

| ଜିଲ୍ଲାର ନାମ | ପଦବୀର ପ୍ରକାର | ପଦବୀ ସଂଖ୍ୟା | ମୋଟ ଶାରିରୀକ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ପଦବୀ | | |
|---|---|---|---|---|---|
| | | | VI | HI | OH |
| କେନ୍ଦୁଝର | ତେଲୁଗୁ ସିଟି | 0 | | | |
| | ଉର୍ଦ୍ଦୁ ସି ଟି | 09 | | | |
| | ବେଙ୍ଗଲି ସିଟି | 0 | | | |

( ଅନ୍ୟାନ୍ୟ ବର୍ଗର ବ୍ୟକ୍ତିଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା ସଂକଳିତ ସଂରକ୍ଷଣ ନିୟମାନୁଯାୟୀ ପଦବୀ ସଂରକ୍ଷିତ ରହିବ )

ଏହାର ୧୫୦% ଭାଗ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କୁ ତାଲିମଭୁକ୍ତ କରାଯିବ ଯାହା ବର୍ଷକ ପାଇଁ ବୈଧ ରହିବ । ଏହି ଯୋଗ୍ୟ ବିବେଚିତ ଅସ୍ଥାୟୀ ଏବଂ ଚୂଡାନ୍ତ ପ୍ରାର୍ଥୀ ତାଲିକା (Provisional & Final Select List) ଶିକ୍ଷା ଜିଲ୍ଲା, ଜିଲ୍ଲା ପରିଷଦ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମାନଙ୍କର ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ ହେବ । ଶିକ୍ଷା ସହାୟକମାନେ ଜିଲ୍ଲା ପରିଷଦ ଦ୍ୱାରା ନିୟୋଜିତ ହେବେ ।

(୩) ଶିକ୍ଷାଗତ ଯୋଗ୍ୟତା:- ନିମ୍ନଲିଖିତ ଯୋଗ୍ୟତା ଥାଇ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ଯେ କୌଣସି ଗୋଟିଏ ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା ଅନୁଯାୟୀ ଆବେଦନ କରିପାରିବେ ।

(କ) ଯୁକ୍ତ ଦୁଇ (+ 2) ବିଜ୍ଞାନ/କଳା/ବାଣିଜ୍ୟ କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତ୍ତୁଲ୍ୟ ପରୀକ୍ଷାରେ ପାସ୍ ଯୋଗ୍ୟତା ସହିତ ଓଡିଆ ମାତୃଭାଷାରେ ସପ୍ତମ ଶ୍ରେଣୀ ପାସ୍ ଯୋଗ୍ୟତା ଥାଇ ତାଲିମ ପ୍ରାପ୍ତ ସିଟି (Recognised by NCTE)

(ଖ) ଯୁକ୍ତ ଦୁଇ ( + 2 ) ବିଜ୍ଞାନ/କଳା/ବାଣିଜ୍ୟ କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତ୍ତୁଲ୍ୟ ପରୀକ୍ଷାରେ ପାସ୍ ଯୋଗ୍ୟତା ସହିତ ଓଡିଆ ମାତୃଭାଷାରେ ସପ୍ତମ ଶ୍ରେଣୀ ପାସ୍ ଯୋଗ୍ୟତା ଥାଇ Rehabilitation Council of India (RCI)ଦ୍ୱାରା ସ୍ୱୀକୃତି ପ୍ରାପ୍ତ ସ୍ୱତନ୍ତ୍ର ଶିକ୍ଷାରେ ୨ ବର୍ଷିୟା ଡିପ୍ଲୋମା ତାଲିମ (2 year diploma in Special Education) ।

(ଗ) ସ୍ନାତକରେ ବିଜ୍ଞାନ/କଳା କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତ୍ତୁଲ୍ୟ ପରୀକ୍ଷାରେ ପାସ୍ ସହିତ ମାଟ୍ରିକ: ପର୍ଯ୍ୟନ୍ତ ଓଡିଆ ମାତୃଭାଷା ଯୋଗ୍ୟତା ଥାଇ ବି ଏଡ ତାଲିମ ପ୍ରାପ୍ତ (Recognised by NCTE ) ।

(ଘ) ସ୍ନାତକରେ ବିଜ୍ଞାନ/କଳା କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତ୍ତୁଲ୍ୟ ପରୀକ୍ଷାରେ ପାସ୍ ସହିତ ମାଟ୍ରିକ ପର୍ଯ୍ୟନ୍ତ ଓଡିଆ ମାତୃଭାଷା ଯୋଗ୍ୟତା ଥାଇ Rehabilitation Council of India (RCI) ଦ୍ୱାରା ସ୍ୱୀକୃତ ପ୍ରାପ୍ତ ସ୍ୱତନ୍ତ୍ର ଶିକ୍ଷା ପାଠ୍ୟକ୍ରମରେ ବି ଏଡ ତାଲିମ B.Ed Special Education) ।

(ଙ) + 2 ଯୋଗ୍ୟତା ସହ ଉର୍ଦ୍ଦୁ/ତେଲୁଗୁ/ବେଙ୍ଗଲି CT ପ୍ରାର୍ଥୀମାନେ ଅନ୍ତତଃ ପକ୍ଷେ ଉର୍ଦ୍ଦୁ/ତେଲୁଗୁ/ବେଙ୍ଗଲି ମାତୃଭାଷା ଥାଇ ସପ୍ତମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ ।

(ଚ) ଯୁକ୍ତ ଦୁଇ (+ 2) ବିଜ୍ଞାନ , କଳା, ବାଣିଜ୍ୟ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ପାସ୍ ସହିତ ଓଡିଆ ମାତୃଭାଷା ସପ୍ତମ ପର୍ଯ୍ୟନ୍ତ ଯୋଗ୍ୟତା ଥାଇ ଏବଂ ବିଜ୍ଞାନ ଓ କଳାରେ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ସ୍ନାତକ ପାସ୍ ସହିତ ଓଡିଆ ମାତୃଭାଷା ଦଶମ ପର୍ଯ୍ୟନ୍ତ ଯୋଗ୍ୟତା ଥିବା ଅଣତାଲିମ ପ୍ରାପ୍ତ ତଫସିଲଭୁକ୍ତ ଜାତି, ଜନଜାତି ଶାରିରୀକ

ଅକ୍ଷମ ପ୍ରାର୍ଥୀମାନେ ଯୋଗ୍ୟତା ଅନୁଯାୟୀ ଗୋଟିଏ ପଦପାଇଁ ଆବେଦନ କରିପାରିବେ । ଯଦି ସଂପୃକ୍ତ ଶିକ୍ଷା ୟୁନିଟରେ ଆବଶ୍ୟକ ସଂଖ୍ୟକ ତଫସିଲଭୁକ୍ତ ଜାତି, ଜନଜାତି ଏବଂ ଶାରିରୀକ ଅକ୍ଷମର ତାଲିମପ୍ରାପ୍ତ ପ୍ରାର୍ଥୀନ ମିଳନ୍ତି ଏବଂ ଭାରତ ସରକାରଙ୍କ ଠାରୁ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କିତ ରିହାତିର ଆଦେଶ ଅନୁଯାୟୀ ସେମାନଙ୍କ ବିଷୟକୁ ବିଚାରକୁ ନେଇ ନିଯୁକ୍ତି ଦିଆଯିବ ।

*(ଛ) ୨୦୧୦-୧୧ ଶିକ୍ଷାବର୍ଷରେ CT ପରୀକ୍ଷା ଦେଇଥିବା ପ୍ରାର୍ଥୀମାନେ Admit କାର୍ଡର ନକଲ ସଂଯୋଗ କରି ଆବେଦନ କରିପାରିବେ । CT ପରୀକ୍ଷା Result ବାହାରିବାର ୧୫ ଦିନ ମଧ୍ୟରେ ସେମାନେ ପାଶ certificate ଏବଂ marksheet ର ନକଲ ଆବେଦନ କରିଥିବା ଜିଲ୍ଲାରେ ଦାଖଲ କରିବା ପରେ କେବଳ ସେମାନଙ୍କର ଦରଖାସ୍ତ ବିଚାରକୁ ନିଆଯିବ ।*

ସମସ୍ତ ଅଣ ତାଲିମପ୍ରାପ୍ତ ପ୍ରାର୍ଥୀମାନେ ନିୟୋଜନ ଦେବାର ପାଞ୍ଚ ବର୍ଷ ମଧ୍ୟରେ ନିଜ ଖର୍ଚ୍ଚରେ ତାଲିମପ୍ରାପ୍ତ ହେବେ ବୋଲି ଏକ Under Taking ଦେବେ ।

୪. **ବୟସସୀମା :** ପ୍ରାର୍ଥୀମାନଙ୍କର ବୟସ ତା-୦୧-୧୧-୨୦୧୧ ରିଖ ସୁଦ୍ଧା ୪୨ ବର୍ଷରୁ ଅଧିକ ହୋଇ ନ ଥିବ କିମ୍ବା ୧୮ ବର୍ଷରୁ କମ୍ ହୋଇ ନଥିବା ଆବଶ୍ୟକ । ତଫସିଲ ଭୁକ୍ତ ଜାତି ଓ ଜନଜାତି, ସାମରିକ କର୍ମଚାରୀ, ମହିଳା ଏବଂ SEBC ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସସୀମା ୫ ବର୍ଷ କୋହଳ କରାଯିବ । ଶାରରିରୀକ ଭିନ୍ନକ୍ଷମ ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ୧୦ ବର୍ଷ କୋହଳ କରାଯିବ ।

୫. **ନିୟୋଜନ :** ଶିକ୍ଷା ସହାୟକମାନେ ବାର୍ଷିକ ଚୁକ୍ତି ଅନୁଯାୟୀ ପ୍ରାଥମିକ / ଉଚ୍ଚ ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ଶ୍ରେଣୀମାନଙ୍କରେ ଆବଶ୍ୟକ ଅନୁଯାୟୀ ନିୟୋଜିତ (ଏନଗେଜମେଣ୍ଟ) ହେବେ ।

୫.୧ ନିୟୋଜନ ପତ୍ର ପ୍ରଦାନ ପୂର୍ବରୁ ସଂପୃକ୍ତ ଜିଲ୍ଲା ପରିଷଦ ତରଫରୁ ମୁଖ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ତଥା ଜିଲ୍ଲାପାଳ ଓ ଶିକ୍ଷାସହାୟକଙ୍କ ମଧ୍ୟରେ ଷ୍ଟାମ୍ପ କାଗଜ ମାଧ୍ୟମରେ ନିର୍ଦ୍ଧାରଣ ଫର୍ମରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରାଯିବ ।

୫.୨ ଶିକ୍ଷା ସହାୟକ/ସହାୟିକାମାନଙ୍କୁ ସେମାନେ ଆବେଦନ କରିଥିବା ଶିକ୍ଷା ଜିଲ୍ଲାମଧ୍ୟରେ ନିୟୋଜନ କରାଯିବ ।

୬. **ସଂରକ୍ଷଣ ବ୍ୟବସ୍ଥା :** ଓ.ଆର.ଭି. ଆକ୍ଟ ସଂଗେ ସଂଗେ ରାଜ୍ୟ ସରକାରଙ୍କର ଅନ୍ୟାନ୍ୟ ସଂରକ୍ଷଣ ନୀତି ଏବଂ ଅନ୍ୟ ପ୍ରାର୍ଥୀ ଯଥା - ପୂର୍ବତନ ସାମରିକ କର୍ମଚାରୀ (Ex- Servicemen) , ଭିନ୍ନକ୍ଷମ (Handicapped) ଙ୍କ ପାଇଁ ସାଧାରଣ ପ୍ରଶାସନ ବିଭାଗ ରିଜଲ୍ୟୁସନ ନଂ- ୨୫୩୮୪ ତା- ୨୦.୦୯.୨୦୦୫ ଅନୁଯାୟୀ ସଂରକ୍ଷଣ ବ୍ୟବସ୍ଥା ଲାଗୁହେବ ଏବଂ କ୍ରୀଡା କ୍ଷେତ୍ରରେ ସ୍ୱାତନ୍ତ୍ର୍ୟ ଅର୍ଜନ କରିଥିବା ବ୍ୟକ୍ତି (eminent Sports personnel) ଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା ସଂକଳିତ ସଂରକ୍ଷଣ ନିୟମ ଲାଗୁ କରାଯିବ । ମହିଳା ପ୍ରାର୍ଥୀନୀଙ୍କ ପାଇଁ ସଂପୃକ୍ତ ବର୍ଗର ୩୩.୧/୩ ପ୍ରତିଶତ ସଂରକ୍ଷଣ ଲାଗୁହେବ ।

୭. ତାଲିମପ୍ରାପ୍ତ ଶିକ୍ଷା ସହାୟକମାନଙ୍କୁ ମାସିକ ଟ-୪୦୦୦/- ପାରିଶ୍ରମିକ ଆକାରରେ ଦିଆଯିବ ।

୮. ଅଣତାଲିମପ୍ରାପ୍ତ ଶିକ୍ଷା ସହାୟକମାନଙ୍କୁ ମାସିକ ଟ- ୩୫୦୦/- ପାରିଶ୍ରମିକ ଆକାରରେ ଦିଆଯିବ ।

୯. ନିମ୍ନ ପ୍ରଦତ୍ତ ଦରଖାସ୍ତ ଫର୍ମ ଅନୁସାରେ ଆବେଦନ କରାଯାଇ ପାରିବ । ଦରଖାସ୍ତ ସହ HSC ଠାରୁ

ହୋଇଥିଲେ ତାର ଅବିକଳ ପ୍ରମାଣ ପତ୍ର, ପ୍ରାର୍ଥୀଙ୍କର ୨ କିତା ବର୍ତ୍ତମାନର ସହିମୋହର ପାସପୋର୍ଟ ଆକାର ଫଟୋ ଏବଂ କେବଳ ଗୋଟିଏ ଶିକ୍ଷାଜିଲ୍ଲାରେ ଆବେଦନ କରିଛନ୍ତି ବୋଲି ସତ୍ୟପାଠ (Affidavit) ଇତ୍ୟାଦିର ସଂଯୋଗ ନ ଥିଲେ ଆବେଦନ ପତ୍ରଟିକୁ ଖାରଜ କରିଦିଆଯିବ ।

## ଶିକ୍ଷା ସହାୟକ ପଦପାଇଁ ଆବେଦନ ପତ୍ର

୧- ଯେଉଁ ଶିକ୍ଷା ଜିଲ୍ଲାରେ ନିଯୁକ୍ତି ଚାହୁଁଛନ୍ତି ତାର ନାମ ।୨-ଯେଉଁ ପଦବୀରେ ନିଯୁକ୍ତି ଚାହୁଁଛନ୍ତି ତାର ନାମ । ୩- ପ୍ରାର୍ଥୀଙ୍କର ସଂପୂର୍ଣ୍ଣ ନାମ ୪- ପିତା କିମ୍ବା ସ୍ୱାମୀଙ୍କର ନାମ ୫- ବର୍ତ୍ତମାନର ଠିକଣା ୬ - ସ୍ଥାୟୀ ଠିକଣା । ୭- ଜନ୍ମତାରିଖ (ପ୍ରମାଣପତ୍ରର ଅବିକଳ ନକଲ ସଂଯୁକ୍ତ କରିବେ) ୮ - ପ୍ରାର୍ଥୀ/ପ୍ରାର୍ଥୀନୀ କେଉଁ ବର୍ଗର ଅଟନ୍ତି । ୯ - ଶିକ୍ଷାଗତ ଯୋଗ୍ୟତା, ଉର୍ତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାମାନଙ୍କର ନାମ, ଶିକ୍ଷାନୁଷ୍ଠାନର ନାମ, ବୋର୍ଡ ବିଶ୍ୱବିଦ୍ୟାଳୟର ନାମ, ଉର୍ତ୍ତୀର୍ଣ୍ଣ ବର୍ଷ, କେତେ ନମ୍ବର ପାଇଥିଲେ, % ନମ୍ବର ,( ଯୁକ୍ତ ଦୁଇ/ ସ୍ନାତକ/ ପ୍ରଶିକ୍ଷଣ (CT/B.Ed/Spl. B.Ed.) ପରୀକ୍ଷାର ପ୍ରମାଣ ପତ୍ର ଓ ମାର୍କସିଟର ଅବିକଳ ନକଲ (Spl. Education) ରେ Diploma ଏବଂ Spl. B.Ed. ପ୍ରାର୍ଥୀମାନେ RCI Registration ର ପ୍ରମାଣ ପତ୍ରର ଅବିକଳ ନକଲ ସଂଯୋଗ କରିବେ । ୧୦ - ୨୦୧୦-୧୧ ଶିକ୍ଷାବର୍ଷରେ CT ପରୀକ୍ଷା ଦେଇଥିବା ପ୍ରାର୍ଥୀମାନେ Admit କାର୍ଡର ଅବିକଳ ନକଲ ସଂଯୋଗ କରିବେ । ୧୧-କର୍ମନିଯୋଜନ କେନ୍ଦ୍ରର ନାମ ଏବଂ ରେଜିଷ୍ଟ୍ରେସନ ସଂଖ୍ୟା ଓ ତାରିଖ (ପ୍ରମାଣ ପତ୍ରର ଅବିକଳ ନକଲ ସଂଯୋଗ କରିବେ) ।୧୨- ଜାତିଗତ ପ୍ରମାଣ ପତ୍ରର ଅବିକଳ ନକଲ ସଂଯୋଗ କରିବେ) ୧୩- ଅର୍କମଣ୍ୟ ପ୍ରମାଣପତ୍ର (ଅବିକଳ ନକଲ ସଂଯୋଗ କରିବେ) ୧୪- ଆବାସିକ ପ୍ରମାଣପତ୍ର (ଅବିକଳ ନକଲ ସଂଯୋଗ କରିବେ) ୧୫ - ଗୋଟିଏ ଶିକ୍ଷା ଜିଲ୍ଲାରେ ଆବେଦନ କରିଥିବାର ସତ୍ୟପାଠ (Affidavit in Original) ସଂଯୋଗ କରିବେ । ୧୬- ଅଣତାଲିମ ପ୍ରାପ୍ତ ପ୍ରାର୍ଥୀ ନିଜ ଖର୍ଚ୍ଚରେ ୫ ବର୍ଷ ମଧ୍ୟରେ ତାଲିମପ୍ରାପ୍ତ ହେବେ ବୋଲି Under taking ସଂଯୋଗ କରିବେ । ୧୭ - ଦୁଇକିତା ବର୍ତ୍ତମାନର ସହି ମୋହର ପାସପୋର୍ଟ ଆକାର ଫଟୋ ଦାଖଲ କରିବେ ।

ତାରିଖ -

ଆବେଦନକାରୀଙ୍କର ସ୍ୱାକ୍ଷର

ସ୍ଥାନ -

## ପ୍ରାପ୍ତି ସ୍ୱୀକାର

କ୍ରମିକ ସଂଖ୍ୟା
ଠିକଣା

ପ୍ରାର୍ଥୀଙ୍କ ନାମ

ନିମ୍ନୋକ୍ତ ସଂଲଗ୍ନମାନ (Enclosures) ହସ୍ତଗତ ହୋଇଛି ।

(କ) HSC ସାର୍ଟିଫିକେଟ, ଯୁକ୍ତ ଦୁଇ ସାର୍ଟିଫିକେଟ,ତାଲିମ(ସିଟି) ସାର୍ଟିଫିକେଟ, ସ୍ନାତକ, ବି·ଇଡି·, ସ୍ପେସାଲ ବି·ଇଡି·) ସାର୍ଟିଫିକେଟ, (ଖ) ଯୁକ୍ତ ଦୁଇ ମାର୍କସିଟ, ତାଲିମ ସି·ଟି· ମାର୍କସିଟ ଓ ସ୍ନାତକ,ବି·ଇଡି·,ସ୍ପେସାଲ ବି·ଇଡି·) ମାର୍କସିଟ / RCI Registration ର ପ୍ରମାଣପତ୍ର / ୨୦୧୦-୧୧ CT ପରୀକ୍ଷା ର Admit card ର ନକଲ (ଗ) ଜାତିଗତ ପ୍ରମାଣ ପତ୍ର (caste certificate) (ଘ) ଆବାସିକ ପ୍ରମାଣପତ୍ର (Residential cetificate) (ଙ) ଗୋଟିଏ ଶିକ୍ଷା ଜିଲ୍ଲାରେ ଆବେଦନ କରିଥିବାର ସତ୍ୟପାଠ (Affidevit in Original) (ଚ) କର୍ମନିୟୋଜନ କେନ୍ଦ୍ରର ରେଜିଷ୍ଟ୍ରେସନ ପ୍ରମାଣ ପତ୍ର (ଛ) ଅଣତାଲିମ ପ୍ରାପ୍ତ ପ୍ରାର୍ଥୀ ନିଜ ଖର୍ଚ୍ଚ ୫ ବର୍ଷ ମଧ୍ୟରେ ତାଲିମପ୍ରାପ୍ତ ହେବେ ବୋଲି Under taking (ଜ) ଅକର୍ମଣ୍ୟ ପ୍ରମାଣପତ୍ରର ଅବିକଳ ନକଲ (ଝ) ଦୁଇକିତା ବର୍ତ୍ତମାନର ସହମୋହର ପାସପୋର୍ଟ ଆକାର ଫଟୋ ।

ପ୍ରାପ୍ତି ସ୍ୱୀକାରକାରୀଙ୍କ ସ୍ୱାକ୍ଷର
ନାମ-
ପଦବୀ -

ସ୍ୱା / - 8/1/11

ଜିଲ୍ଲାପାଳ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ,
ଜିଲ୍ଲା ପରିଷଦ, କେନ୍ଦୁଝର